# କ୍ରିକେଟ ଟୁର୍ନାମେଣ୍ଟ: ଉଦ୍‌ଘାଟନୀ ମ୍ୟାଚ୍‌ରେ ଯାଜପୁର ବିଜୟୀ

ଧୂଷୁରୀ, ୭।୨ (ଦୀପ୍ତି ରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଞ୍ଚାୟତର ବୋଡ଼କ ଖେଳପଡ଼ିଆରେ ଓଳଗ ଜୟ ଶ୍ରୀରାମ କ୍ଲବ୍ ପକ୍ଷରୁ ଶୁକ୍ରବାର ଅପରାହ୍ନ ୧ଟା ୩୦ରେ ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଯାଜପୁର କ୍ରିକେଟ ଟିମ୍ ଆଳି କ୍ରିକେଟ ଟିମ୍‌କୁ ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ସନ୍ଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ରୀଡ଼ା ସଭାରେ ବିଡିଓ ସଞ୍ଜୀବ କୁମାର ମହାପାତ୍ର, ତହସିଲଦାର ଭବତୋଷ ମଲ୍ଲିକ, ପୂର୍ବତନ ସରପଞ୍ଚ କିଶୋର ନାୟକ, ସାମାଜିକ କର୍ମୀ ଜୀବନାନନ୍ଦ ପାଢ଼ୀ, ସଦାନନ୍ଦ ମଲ୍ଲିକ, ଦୀପକ ରଞ୍ଜନ ବିଶ୍ୱାଳ, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁରେଶ ମହାଳିକ, ବିଜ୍ଞାନ ଦାସ, ନିରାକାର ନାୟକ, ମହାବାହୁ ସାହୁ, ପଦ୍ମଲୋଚନ ବାରିକ, ଆଲୋକ କୁମାର ନାୟକ, ପ୍ରକାଶ ପାଢ଼ୀ, ସଞ୍ଜିତ ନାୟକ, ଦୁଷ୍ମନ୍ତ ବାରିକ, ଶୈଳେନ୍ଦ୍ର ନାୟକ, ପ୍ରକାଶ ପାତ୍ର ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ସଂଗ୍ରହ କଲେଣି ଶତାଧିକ ଦେଶର ମୁଦ୍ରା

**ବିରଳ ମୁଦ୍ରା ସଂଗ୍ରାହକ ବିକାଶ**

ସାବରଙ୍ଗ,୭।୨(କାଳୀପଦ ରାୟ)

ବିଭିନ୍ନ ଦେଶର ମୁଦ୍ରା ସଂଗ୍ରହ କରିବା ତାଙ୍କର ନିଶା। ବିଦେଶୀମାନଙ୍କ ପାଖରେ ପହଞ୍ଚି ସେମାନଙ୍କଠାରୁ ମୁଦ୍ରା ସଂଗ୍ରହ କରନ୍ତି। ଉଚ୍ଚଶିକ୍ଷା ଲାଭ ପରେ ସରକାରୀ ଚାକିରି ପଛରେ ନ ଗୋଡ଼ାଇ ଏହି କାର୍ଯ୍ୟରେ ନିଜକୁ ସମର୍ପିତ କରି ଦେଇଛନ୍ତି ବିରଳ ମୁଦ୍ରା ସଂଗ୍ରାହକ ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳର ବିକାଶ କୁମାର ଶତପଥୀ (୫୮)। ଏବେ ସୁଦ୍ଧା ସେ ଶତାଧିକ ଦେଶର ବହୁ ବିରଳ ମୁଦ୍ରା ସଂଗ୍ରହ କରିସାରିଛନ୍ତି।

ବିକାଶ କହନ୍ତି, ଛାତ୍ରାବସ୍ଥାରୁ ନୟାଗଡ଼ର ସଂଗ୍ରାହକ ଦାଶରଥି ପଟ୍ଟନାୟକଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ବାସୁଦେବପୁର ପୌରପାଳିକାର ୧୨ନଂ. ୱାର୍ଡରେ ଏକ ନିଃଶୁଳ୍କ ସଂଗ୍ରହାଳୟ ଓ ପାଠାଗାର ଭେଟି ଦେବା ପାଇଁ ୧୯୯୦ ମସିହାରେ ନିଜସ୍ୱ



ବିକାଶ ଶତପଥୀ।

ପ୍ରଚେଷ୍ଟାରେ ତାଙ୍କ ଜେଜେଙ୍କ ନାମରେ 'ଲୋକନାଥ ପାଠାଗାର ଓ ସଂଗ୍ରହାଳୟ' ପ୍ରତିଷ୍ଠା କରିଥିଲେ। ଯେଉଁ କ୍ଷୁଦ୍ର ଅନୁଷ୍ଠାନ ଏବେ ୩୪ ବର୍ଷରେ ପଦାର୍ପଣ କରିଛି। ଯେତେବେଳେ ବିଦେଶ ଯିବା ଖୁବ୍ କାଠିକର ପାଠ ଥିଲା, ସେତେବେଳେ ସେ ସାଇକେଲ ଧରି ବିଦେଶାରୋହୀମାନଙ୍କ ପାଖରେ ପହଞ୍ଚୁଥିଲେ। ବହୁ କାକୁତିମିନତି ହୋଇ ବିଦେଶୀ ମୁଦ୍ରା ସଂଗ୍ରହ କରି ଆଣନ୍ତି। ଏପରିକି ସ୍ୱାଧୀନତା ପରର ବହୁ ବିରଳ ଓ ଦୁଷ୍ପ୍ରାପ୍ୟ ମୁଦ୍ରା, ନୋଟ୍ ତାଙ୍କ ସଂଗ୍ରହାଳୟରେ ରହିଛି। ଆମେରିକାର ଡଲାରଠାରୁ ଆରମ୍ଭ କରି ୟୁରୋପ, ଭିଏତ୍‌ନାମ, କାନାଡା, ରୁଆଣ୍ଡା, ଦକ୍ଷିଣ କୋରିଆ, ଆଫଗାନିସ୍ଥାନ, ଜାପାନ, ସିଙ୍ଗାପୁର, ନେପାଳ, ମାଲେସିଆ, ସାଉଦି ଆରବ, ପାକିସ୍ତାନ, କାଜାକସ୍ତାନ ଏପରି ୧୦୦ରୁ ଊର୍ଦ୍ଧ୍ୱ ଦେଶର ବହୁ ବିରଳ ମୁଦ୍ରା ତାଙ୍କ ସଂଗ୍ରହାଳୟରେ ଦେଖିବାକୁ ମିଳେ। ଏବେ ସେ ବିଭିନ୍ନ ବିଦ୍ୟାଳୟକୁ ଯାଇ ପିଲାମାନଙ୍କୁ ବିଭିନ୍ନ ଦେଶର ମୁଦ୍ରା ସମ୍ପର୍କରେ ଅବଗତ କରାଇବା ସହ ଆମ ଦେଶରେ ସେହି ମୁଦ୍ରାର କେତେ ମୂଲ୍ୟ ସେ ସମ୍ପର୍କରେ ସଚେତନ କରାଉଛନ୍ତି। ଏଥିସହ ଆମ ଦେଶର କଉଡ଼ିଠାରୁ ଆରମ୍ଭ କରି ଅଣା, ଅଧୁଲି, ୧ ପଇସା, ୨ ପଇସା, ୫ ପଇସା ଏପରି ବହୁ ଅଚଳ ପଇସା ସାଇତି ରଖି ସେ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଜ୍ଞାନ ବାଣ୍ଟୁଛନ୍ତି। ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟକୁ ଯାଇ ଅର୍ଥ ଖର୍ଚ୍ଚ କରି ସାଧାରଣ ବର୍ଗର ଲୋକେ ବୁଲି ଦେଖିବା ସମ୍ଭବପର ନୁହେଁ ବୋଲି ଏଇ ସଂଗ୍ରହ କାର୍ଯ୍ୟରେ ନିଜକୁ ସମର୍ପିତ କରିଛନ୍ତି ବୋଲି କହନ୍ତି ବିକାଶ। ତାଙ୍କ ସଂଗ୍ରହାଳୟରେ ମୁଦ୍ରା ବ୍ୟତୀତ ବହୁ ବିରଳ ଡାକ ଟିକେଟ, ଦୁର୍ଲ୍ଲଭ ତାଳପତ୍ର ପୋଥି, ସହସ୍ରାଧିକ ପୁସ୍ତକ ତଥା ସଂସ୍କୃତିରୁ ହଜି ଯାଉଥିବା ବହୁ ଦୁର୍ଲ୍ଲଭ ସାମଗ୍ରୀ ରହିଛି। ସ୍ତ୍ରୀ ଓ ଏକମାତ୍ର ପୁଅଙ୍କୁ ନେଇ ତାଙ୍କର ପରିବାର। ଏବେ ସେ 'ମୋବାଇଲ ଛାଡ଼, ବହି ପଢ଼' ଅଭିଯାନରେ ବିଭିନ୍ନ ବିଦ୍ୟାଳୟକୁ ଯାଇ ପିଲାମାନଙ୍କ ମଧ୍ୟରେ ବହି ପଢ଼ାଇବା ଅଭ୍ୟାସ ସୃଷ୍ଟି କରିବା ସହ ଦେଶ ବିଦେଶର ତାଳପତ୍ର ପୋଥି ଓ ବହୁ ପୁରାତନ ଜିନିଷ ଦେଖାଉଛନ୍ତି।

# ସଡ଼କ ସୁରକ୍ଷା ଧରପଗଡ଼: ୩.୫୭ ଲକ୍ଷ ଜରିମାନା ଆଦାୟ

**୧୨ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ**

ଭଦ୍ରକ,୭।୨(ସନାତନ ରାଉତ)

ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ନେଇ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଧରପଗଡ଼ କରାଯାଇ ସମୁଦାୟ ୩ ଲକ୍ଷ ୫୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିନା ହେଲ୍‌ମେଟ୍‌ରେ ୨୭ ବାଇକ୍ ଚାଳକ, ସିଟ୍‌ବେଲ୍ଟ ପିନ୍ଧି ନ ଥିବା ୨ ଚାଳକ, ନିଶାସକ୍ତ ଅବସ୍ଥାରେ ଜଣେ, ଅନ୍ୟ ୩ଜଣଙ୍କଠାରୁ ସଡ଼କ ସୁରକ୍ଷା ନିୟମ ଅବମାନନା ନେଇ ଜରିମାନା ଆଦାୟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୨ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଟ୍ରାଫିକ ପୋଲିସ ସବ୍‌ଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର, ସହକାରୀ ସବ୍ ଇନ୍ସପେକ୍ଟର ଶ୍ୟାମସୁନ୍ଦର ନାୟକ ଓ ମୋଟରଯାନ ବିଭାଗ କର୍ମଚାରୀମାନେ ଧରପଗଡ଼ରେ ସାମିଲ ଥିଲେ।

# ନାଟ୍ୟ ସଂସଦର ରୌପ୍ୟ ଜୟନ୍ତୀ ଉତ୍ସବ




ରୌପ୍ୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

ଭଦ୍ରକ, ୭।୨(ରବିନାରାୟଣ ଖିଲାର)

ଭଦ୍ରକର ଟାଉନ ହଲ୍‌ଠାରେ ଦୁଇଦିନ ଧରି ଚାଲିଥିବା ରାନ୍ଧିଆସ୍ଥିତ ବିମଳା ନାଟ୍ୟ ସଂସଦର ରୌପ୍ୟ ଜୟନ୍ତୀ ଉତ୍ସବ ବୁଧବାର ରାତି ୯ଟାରେ ଉଦ୍‌ଯାପିତ ହୋଇଯାଇଛି। ଆଇନଜୀବୀ ତଥା ଉପଦେଷ୍ଟା ଚିତ୍ତ ରଞ୍ଜନ ବରାଳଙ୍କ ସଭାପତିତ୍ୱ ଓ ଅନୁଷ୍ଠାନର ସମ୍ପାଦକ ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ପୌରାଧ୍ୟକ୍ଷା ଗୁଲମୁକ୍କୀ ଦଲୱାଜି ହବିବ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ନାଟ୍ୟ ନିର୍ଦ୍ଦେଶକ ବିଜୟ ଦାସ, ସଂଳାପକାର ରଜନୀ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ରକ ଏକ ଭାଇଚାରାର ସହର। ନାଟକ ଦ୍ୱାରା ଶାନ୍ତି ସ୍ଥାପନ ହେଉଥିବା ବେଳେ ବିମଳା ନାଟ୍ୟ ସଂସଦ ଏହାର ଏକମାତ୍ର ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଶକ୍ତି ବରାଳ, ରୁନୁ ମହାନ୍ତି, ସଂଗୀତଜ୍ଞ ମୀନତି ବାରିକ, କଳାକାର ବିଜୟ ବହଳି, କାଉନସିଲର ସ୍ୱାଗତିକା ନାୟକ, ଶିକ୍ଷୟିତ୍ରୀ ଅନିତା ନାୟକ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ଆଇନଜୀବୀ ଶଶିକାନ୍ତ ପଣ୍ଡା, କଳାକାର ସନ୍ଧ୍ୟାରାଣୀ ବେହେରା, ଶଶାଙ୍କ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହେଉନି

**ବିଡିଓଙ୍କୁ ଦାବିପତ୍ର ଦେଲେ ସରପଞ୍ଚ, ଗ୍ରାମବାସୀ**

ସାବରଙ୍ଗ,୭।୨(କାଳୀପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡୁଆ ପଞ୍ଚାୟତରେ ଗତ ୩ ବର୍ଷ ଧରି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ନେଇ ସରପଞ୍ଚଙ୍କ ସମେତ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ଏମ୍‌ପି ଓ ବିଧାୟକଙ୍କ ପାଣ୍ଠିରୁ ଆସୁଥିବା ଅର୍ଥରେ ଏହି ପଞ୍ଚାୟତରେ ପୁରୁଣା କାର୍ଯ୍ୟ ପାଇଁ ବ୍ଲକ ସହକାରୀ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତଦାରଖ କରୁଥିବା ବେଳେ ସରପଞ୍ଚଙ୍କୁ ଅଣଦେଖା କରାଯାଉଛି। ସରପଞ୍ଚ ଗୋବିନ୍ଦ ମଲ୍ଲିକ, ପୂର୍ବତନ ସରପଞ୍ଚ ଅନନ୍ତ ପ୍ରସାଦ ପୋଇ, ୱାର୍ଡସଭ୍ୟ ଭଗବାନ ପଣ୍ଡା, ସଞ୍ଜୟ ବିଶ୍ୱାଳ, ମୀନା ମହାନ୍ତି, କବିତା ସେଠୀ, ସୁଲୋଚନା ପ୍ରଧାନ ପ୍ରମୁଖ ନିକଟରେ ଏନେଇ ଅଭିଯୋଗ କରିବା ସହ ଉନ୍ନୟନ କାର୍ଯ୍ୟରେ ସରପଞ୍ଚଙ୍କୁ ସାମିଲ ପାଇଁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଡିଓ ତନ୍ମୟ କର ଉକ୍ତ ପଞ୍ଚାୟତକୁ ଗସ୍ତ କରି ଏହାର ସମାଧାନ କରିବେ ବୋଲି କହିଛନ୍ତି। ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ବ୍ଲକ ଅଫିସ୍ ସମ୍ମୁଖରେ ଧାରଣାରେ ବସିବେ ବୋଲି ଗ୍ରାମବାସୀ କହିଛନ୍ତି।

# ଗଡ଼ିଲା ଶ୍ରମିକ ସଚେତନତା ରଥ




ସଚେତନତା ରଥକୁ ଶୁଭାରମ୍ଭ କରୁଛନ୍ତି ଅଧିକାରୀ।

ଭଦ୍ରକ,୭।୨(ସନାତନ ରାଉତ)

ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ଆନୁକୂଲ୍ୟରେ ଭଦ୍ରକ ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଏକ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ପ୍ରବାସୀ ଶ୍ରମିକ, ଅଣସଙ୍ଗଠିତ ଶ୍ରମିକ, ନିର୍ମାଣ ଶ୍ରମିକଙ୍କ ସଚେତନତା ଏବଂ ଶିଶୁ ଶ୍ରମିକ ନିରାକରଣ ନେଇ ଏହି ରଥ ସଚେତନ କରାଇବ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହାର ଶୁଭାରମ୍ଭ କରାଯାଇ ଜିଲାର ବିଭିନ୍ନ ବ୍ଲକ ଏବଂ ପୌରାଞ୍ଚଳ ପରିକ୍ରମା ପାଇଁ ପ୍ରେରଣ କରାଯାଇଛି। ୧ ମାସ ବ୍ୟାପୀ ଏହି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ଜିଲାପାଳ ଦିଲୀପ ରାଉତରାଏ ଓ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା, ଜିଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ, ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ ଛାତ୍ରୀ




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୭।୨(ଅଶୋକ ପଣ୍ଡା)

ଚାନ୍ଦବାଲି ଯୁକ୍ତ ୩ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ତରଣୀସେନ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ଭବତୋଷ ମଲ୍ଲିକ ଯୋଗ ଦେଇଥିଲେ। ଶିବିରରେ ଉପସ୍ଥିତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଅଧ୍ୟାପିକା ପ୍ରଭାତୀ ପରିଡ଼ା ସଞ୍ଚାଳନ କରିଥିଲେ। ଅଧ୍ୟାପିକା ଡ. ନିଳିପ୍ତା ମିଶ୍ର, ସ୍ୱର୍ଣ୍ଣଲତା ପଣ୍ଡା, ପ୍ରାଧ୍ୟାପକ ମାୟାଧର ମହାନ୍ତି, ନିମାଇଁ ଚରଣ ପତି, ଚନ୍ଦନ ଦାସ, ସତ୍ୟ ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ




ଜଣେ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

ଧୂଷୁରୀ, ୭।୨ (ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକ ଧୂଷୁରୀସ୍ଥିତ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟାରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ଭଦ୍ରକର ପୂର୍ବତନ ଶିକ୍ଷାଧିକାରୀ ସଂଗ୍ରାମ ସାହୁ ମୁଖ୍ୟଅତିଥି, ଏବିଇଓ ସତ୍ୟସୁନ୍ଦର ପରିଡ଼ା ମୁଖ୍ୟ ବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ପରିଡା, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଏବଂ ଓଷ୍ଟାର ପୂର୍ବତନ ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବାର୍ଷିକୋତ୍ସବ ବିଦ୍ୟାଳୟ ପାଇଁ ଗୌରବ ଆଣିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ବ୍ରାହ୍ମଣପାଳ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏବିଇଓ ପରିଡ଼ା, ସରପଞ୍ଚ ପତି, ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା, ସୁଜାତା ମହାନ୍ତି ଓ ଏସ୍‌ଏମ୍‌ସି ଅଧ୍ୟକ୍ଷା ଶୁଭଶ୍ରୀ ନାୟକ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦୁଇ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ବେଙ୍ଗାଲୁରୁକୁ ହରାଇଲା କଟକ

**ଅନ୍ତର୍ଜାତୀୟ ଟିଲୋ କପ୍**

ଭଦ୍ରକ,୭।୨(ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ କ୍ରିକେଟ ଟୁର୍ନାମେଣ୍ଟ ୨୯ତମ ଟିଲୋ କପ୍ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ହନୁମାନଜୀଉ ମିନିଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ କାନାଡା ବ୍ୟାଙ୍କ ବେଙ୍ଗାଲୁରୁକୁ ୧୫ ରନ୍‌ରେ ହରାଇ ୟୁନିୟନ ସ୍ପୋର୍ଟିଂ କଟକ ବିଜୟୀ ହୋଇଛି। ଟସ୍ ଜିତି ବେଙ୍ଗାଲୁରୁ ଫିଲ୍ଡିଂ କରିଥିବା ବେଳେ ୟୁନିୟନ୍ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଜ୍ୟୋତିରଞ୍ଜନ ଦଳେଇଙ୍କ ୫୪ ରନ୍ ସହାୟତାରେ ୧୬୭ ରନ୍ ସଂଗ୍ରହ କରିଥିଲା। କାନାଡା ବ୍ୟାଙ୍କ ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୫୨ ରନ୍ କରିଥିଲା। କଟକ ପକ୍ଷରୁ ୪ ଓଭରରେ ୨୮ ରନ୍ ଦେଇ ୩ ଉଇକେଟ୍ ନେଇଥିବା ବାଦଲ ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଓସିଏ ପ୍ୟାନେଲ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ଶରତ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୟ ମଜୁମଦାର, ପବିତ୍ର ନାୟକ ଓ ସୌକତ୍ ରସୁଲ୍ ଧାରା ବିବରଣୀ ପ୍ରଦାନ କରିଥିଲେ।

ଇଂ. ଲକିମାଷ୍ଟର ସ୍ୱାଇଁଙ୍କ ସଂଯୋଜନାରେ ଅତିଥି ଭାବେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପୂର୍ବତନ ସରପଞ୍ଚ ପଙ୍କଜିନୀ ଲେଙ୍କା, ନିହାରିକା ରାଉତ, ସମିତିସଭ୍ୟ ପରମେଶ୍ୱର ବାରିକ, ଶିକ୍ଷାବିତ୍ ଲିଙ୍ଗରାଜ ସ୍ୱାଇଁ, ଅବସରପ୍ରାପ୍ତ ସେନା ଅଧିକାରୀ ନିରଞ୍ଜନ ସାମଲ, ମନମୋହନ ସାହୁ, ଗୌରାଙ୍ଗ ଧଳ, ବିଜୟ ନାୟକ ପ୍ରମୁଖ ଯୋଗଦେଇ ଟିଲୋ କପ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ରମାକାନ୍ତ ପାଣିଗ୍ରାହୀ, ଆସୋସିଏଶନର ସମ୍ପାଦକ ଅସିତ୍ କର, ଏଲ୍. ଅମରଜିତ୍ ସ୍ୱାଇଁ, ପର୍ଶୁରାମ ସାହୁ, ମାଧବାନନ୍ଦ ବିଶ୍ୱାଳ, ଶଙ୍କର୍ଷଣ ଧଳ, ପ୍ରଣବ କିଶୋର ଲେଙ୍କା, ପ୍ରେମାନନ୍ଦ ବେହେରା, ସୁରେନ୍ଦ୍ର ନାୟକ, ଦୋଳଗୋବିନ୍ଦ ଲେଙ୍କା, ପ୍ରେମାନନ୍ଦ ଜେନା, ପ୍ରକାଶ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଉପସ୍ଥିତ ଅତିଥି।

# ବସ୍‌କୁ ଆକ୍ରମଣ କଲେ ନିଶାସକ୍ତ ଯୁବକ

ସାବରଙ୍ଗ,୭।୨(କାଳୀପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁରଠାରେ ଶୁକ୍ରବାର ସକାଳ ୯ଟାରେ ଜଣେ ନିଶାସକ୍ତ ଯୁବକ 'ମୁଖ୍ୟମନ୍ତ୍ରୀ ବସ୍'କୁ ଆକ୍ରମଣ କରିଛନ୍ତି। ସୂଚନା ଅନୁଯାୟୀ, ବସ୍‌ଟି ବାଲିମେଦଠାରୁ ବାସୁଦେବପୁର ଅଭିମୁଖେ ଯାଉଥିବା ବେଳେ ଉକ୍ତ ସ୍ଥାନରେ ଯୁବକ ଜଣକ ଛିଡ଼ା ହୋଇଥିଲେ। ସେ ଏକ କତାରେ ବସ୍‌ର କାଚକୁ ଭାଙ୍ଗିଥିବା ବେଳେ ସୌଭାଗ୍ୟବଶତଃ କୌଣସି ଯାତ୍ରୀ ଏଥିରେ ଆହତ ହୋଇନାହାନ୍ତି। ଯାତ୍ରୀମାନେ ଭୟଭୀତ ହୋଇଥିବା ବେଳେ ବସ୍‌ଟି ଉକ୍ତ ସ୍ଥାନରେ ଅଟକି ରହିଥିଲା। ଖବର ପାଇ ବାସୁଦେବପୁର ପିସିଆର୍ ଭ୍ୟାନ୍ ପହଞ୍ଚିବା ପରେ ଯୁବକ ଜଣକ ଗାଁ ଭିତରକୁ ଦୌଡ଼ି ପଳାଇଥିଲେ। ଏନେଇ ବାସୁଦେବପୁର ଥାନାରେ ଅଭିଯୋଗ ହୋଇଛି।

# ସେମିଫାଇନାଲରେ ୱାରିଅର୍ସ କ୍ଲବ୍

**ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟ**

ଧାମନଗର , ୭।୨ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକର ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆରେ ୟଙ୍ଗଷ୍ଟାର କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ୱାରିଅର୍ସ କ୍ରିକେଟ କ୍ଲବ ଚନ୍ଦନପୁର ଓ ଆଇଡିଆଲ ୟୁଥ କ୍ଲବ ଲାଲବାଗ ଯାଜପୁର ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ୱାରିଅର୍ସ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆଇଡିଆଲ ୟୁଥ୍ କ୍ଲବ ଟସ୍ ଜିତି ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ୍ କରିଥିଲା। ଦଳର ତାପସ ରାଉତରାୟ ୨୪ ରନ୍ ଓ ଜଗତ ଜୀବନ ନାୟକ ୧୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସ୍ୱରାଜ ଚୌଧୁରୀ ୪ ଓଭରରେ ୩ ଉଇକେଟ ଓ କାର୍ତ୍ତିକ ପତି ୪ ଓଭରରେ ୩ ଉଇକେଟ ନେଇଥିଲେ। ଜବାବରେ ୱାରିଅର୍ସ କ୍ରିକେଟ କ୍ଲବ ୧୭.୨ ଓଭରରେ ୭ ଉଇକେଟ ହରାଇ ୧୩୮ ରନ୍ କରି ସେମିଫାଇନାଲକୁ ପ୍ରବେଶ କରିଛି। ଦଳର ମନୋରଞ୍ଜନ ଦାସ ୫୧ ରନ୍, ସ୍ୱରାଜ ଚୌଧୁରୀ ୨୧ ଓ ଏସ୍. ଅମନ କୁମାର୍ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୟଦ ରକବି ୪ ଓଭରରେ ୨ ଉଇକେଟ ଓ ଦିବାକର ସାହୁ ୪ ଓଭରରେ ୩ ଉଇକେଟ ନେଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ମନୋରଞ୍ଜନ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ନରେନ୍ଦ୍ର ପଣ୍ଡା ଓ ଅନିଲ ସାମଲ ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଦୀପ ଆନ୍ଦିଆ ଓ ସତ୍ୟପ୍ରକାଶ ନାୟକ। ଅଜୟ ସାହୁ, ସମୀର ସାହୁ ଓ ଭୋଳାନାଥ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଖବରଦାତା ପ୍ରଦୀପ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ସାହୁ, ସଞ୍ଜୟ ମହାକୁଡ, କୃଷ୍ଣଚନ୍ଦ୍ର ପତି, ଧର୍ମପଦ ପତି ଓ ହିମାଂଶୁ ମହାପାତ୍ର ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।



ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥି ଓ ଖେଳାଳିମାନେ।

# ଅସହାୟ ମହିଳାଙ୍କୁ ମିଳୁନି ସହାୟତା

ଧାମନଗର,୭।୨(ସନ୍ତୋଷ କୁମାର ମହାପାତ୍ର)

ସ୍ୱାମୀ, ସ୍ତ୍ରୀ ଓ ୩ ପିଲାଙ୍କୁ ନେଇ ଚାଲିଥିଲା ସଂସାର। ୬ମାସ ହେଲା ସ୍ୱାମୀଙ୍କ ମୃତ୍ୟୁ ପରେ ଘୋର ଆର୍ଥିକ ଅନାଟନ ଭିତରେ ନଡ଼ା ଛପର ଘରେ ୩ ପିଲାଙ୍କୁ ନେଇ ଜୀବନ ବିତାଉଛନ୍ତି ଅନ୍ନପୂର୍ଣ୍ଣା ରାଉତ(୪୩)। ସରକାରଙ୍କ ପକ୍ଷରୁ ନା ମିଳିଛି ଆବାସ, ନା ଅଛି ରାଶନ କାର୍ଡ ନା ମିଳୁଛି ବିଧବା ଭତ୍ତା। ଏପରିକି ଜମିବାଡ଼ି ଗୁଣ୍ଠେ ନାହିଁ ବୋଲି କାନ୍ଦି କାନ୍ଦି କହିଛନ୍ତି ଅସହାୟ ଅନ୍ନପୂର୍ଣ୍ଣା। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହେଉଥିଲେ ମଧ୍ୟ କୌଣସି ଅଧିକାରୀ ତାଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି। ଖୋଦ୍ ଧାମନଗର ବ୍ଲକ ଅଧ୍ୟକ୍ଷାଙ୍କ ପଞ୍ଚାୟତର ହୋଇ ମଧ୍ୟ ତାଙ୍କ ପରିବାର ସରକାରୀ ସହାୟତାରୁ ବଞ୍ଚିତ ବୋଲି ଅନ୍ନପୂର୍ଣ୍ଣା କ୍ଷୋଭର ସହ ପ୍ରକାଶ କରିଛନ୍ତି।

ରଇପୁର ପଞ୍ଚାୟତ କାଠମୁଣ୍ଡା ଗ୍ରାମର ଅନ୍ନପୂର୍ଣ୍ଣା କହନ୍ତି, ରୋଗରେ ପୀଡ଼ିତ ହୋଇ ତାଙ୍କ ସ୍ୱାମୀ ରବୀନ୍ଦ୍ର ରାଉତଙ୍କ ଗତ ଅଗଷ୍ଟ ୨୧ରେ ଦେହାନ୍ତ ଘଟିଲା। ସ୍ୱାମୀଙ୍କ ମୃତ୍ୟୁ ବେଳେ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ମିଳିଥିଲା। ସ୍ୱାମୀଙ୍କ ନାମରେ ଥିବା ଅନ୍ତୋଦୟ ଯୋଜନାରେ (କାର୍ଡ ନଂ.୧୯୫୯)ରେ ୩୫ କେଜି ଚାଉଳ ମିଳୁଥିଲା। ତାଙ୍କ ମୃତ୍ୟୁ ପରେ ଚାଉଳ ଦିଆଯାଉ ନାହିଁ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରେ ଖଣ୍ଡେ ପାଇଁ ଅନେକ ଥର ଦରଖାସ୍ତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ହୋଇନାହିଁ। ବିଧବା ଭତ୍ତା ପାଇଁ ଗତ ସେପ୍ଟେମ୍ବରରୁ ଅନ୍‌ଲାଇନରେ ପଞ୍ଜୀକରଣ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନେକ ଥର ବ୍ଲକ କାର୍ଯ୍ୟାଳୟକୁ ଯିବା ସହ ୨ ଥର ମିଳିତ ଜଣଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। କିନ୍ତୁ କୌଣସି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ପୁଣିଥରେ ଗତ ମଙ୍ଗଳବାର ମଧ୍ୟାହ୍ନରେ ଦୀର୍ଘ ୨୫ କି.ମି. ଦୂରରୁ ବହୁ କଷ୍ଟରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ବନବିହାରୀ ଦିଣ୍ଡା କହିଛନ୍ତି, ଗତ ସାଧାରଣ ନିର୍ବାଚନ ପରଠାରୁ ନୂଆ ସରକାରଙ୍କ ପକ୍ଷରୁ ଟାର୍ଗେଟ ଆସିନାହିଁ, ଭବିଷ୍ୟତରେ ଟାର୍ଗେଟ ଆସିଲେ ପଦକ୍ଷେପ ନିଆଯିବ। ସେହିପରି ଅନ୍ତୋଦୟ ଯୋଜନା ଯାହାଙ୍କ ନାମରେ ଥିବ କେବଳ ସେ ନିଜେ ହିଁ ଚାଉଳ ପାଇବେ। ସେ ହିତାଧିକାରୀଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ମିଳିବ ନାହିଁ। ତେବେ ଭେରିଫିକେଶନ ପରେ ଯାହା ପଦକ୍ଷେପ ନିଆଯିବ।



ନଡ଼ା ଛପର ଘର ଆଗରେ ଅନ୍ନପୂର୍ଣ୍ଣା ରାଉତ।

# ‘ବେଳାଭୂମିକୁ ନୂତନ ପରିଚୟ ଦେଇଛି ମହୋତ୍ସବ’

**ବାଲେଶ୍ୱର,୭।୨(ବାଞ୍ଛାନିଧି ଦେ)**

## ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ


ଅତିଥିମାନେ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହଯୋଗରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଚାନ୍ଦିପୁର ବେଳାଭୂମୀ ମହୋତ୍ସବ କମିଟି ମିଳିତ ଆନୁକୂଲ୍ୟରେ ଗୁରୁବାର ରାତି ୮ଟାରେ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ପୃଷ୍ଠପୋଷକ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ସମାରୋହକୁ ଉଦ୍‌ଘାଟନ କରି ଏହି ମହୋତ୍ସବ ବେଳାଭୂମିକୁ ନୂତନ ପରିଚୟ ଦେଇଛି ବୋଲି କହିଥିଲେ। ସମଗ୍ର ଏସିଆ ମହାଦେଶରେ ଅଦ୍ୱିତୀୟ ଚାନ୍ଦିପୁର ବେଳାଭୂମିର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୨୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଥିବା ସମ୍ପର୍କରେ ସୂଚନା ସେ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ ମାଧ୍ୟମରେ ସମଗ୍ର ରାଜ୍ୟ, ଜିଲ୍ଲାର କଳା ଓ ସଂସ୍କୃତି ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ଆଇଏଏସ ପ୍ରୋବେସନର ଦିଲ୍ଲୀପ ଅଭିଷେକ ଦୁଧଲ୍ ଯୋଗଦେଇ ବେଳାଭୂମୀର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ବେଳାଭୂମି ମହୋତ୍ସବ କମିଟିର ସଭାପତି ଜୀବନ ପ୍ରଦୀପ ଦାଶ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ରୌପ୍ୟ ଜୟନ୍ତୀ ଉତ୍ସବ କମିଟିର ଅଧ୍ୟକ୍ଷ ଡ. ଲକ୍ଷ୍ମୀନାରାୟଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ପାଦକ କିଶୋର ଦାସ ଅତିଥି ପରିଚୟ ପ୍ରଦାନ, ଉପସଭାପତି ପ୍ରେସ କ୍ଲବର ସଭାପତି ବିପ୍ଳବ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ପର୍ଶୁରାମ ବେହେରା, ଉତ୍ସବ କମିଟିର ସମ୍ପାଦକ ସମରେନ୍ଦ୍ର ନାଥ ଦାସ, ଅତିରିକ୍ତ ସଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ ଭାଗବତ ସାହୁ, ଆରତୀ ଦାସ, ସୁକୁମାର ରଣା, ଶେଖ ଆଲାମ, ତପନ ଜେନା, ନାଏବ ସରପଞ୍ଚ ଶ୍ରୀକାନ୍ତ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସାଂସ୍କୃତିକ ସମ୍ପାଦକ ଡ. ଶ୍ରୀମାନ ଶ୍ରୀଚନ୍ଦନଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସୁନାମଧନ୍ୟ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ସୁଜ୍ଞାନି ମହାପାତ୍ରଙ୍କ ସଙ୍ଗୀତକୁ ସମସ୍ତେ ମନଭରି ଉପଭୋଗ କରିଥିଲେ। ଦିବ୍ୟଜ୍ୟୋତି ମହାନ୍ତି, ଦେବଜ୍ୟୋତି ଦାସ ମହାପାତ୍ର, ପ୍ରଶାନ୍ତ ପଟେଲ, ବିଭୂପଦ ମହାନ୍ତି, ସନ୍ଧ୍ୟାରାଣୀ ଭୂୟାଁ, ନିର୍ମାଲ୍ୟ ମହାନ୍ତି, ରାଜେନ୍ଦ୍ର ପଟ୍ଟନାୟକ, ଜ୍ୟୋତିର୍ମୟୀ ସାମଲ, ଜିତ ପ୍ରକାଶ ଦାଶ, ଅସିତ କୁମାର ଦାସ, ଅନୁପମ ମିଶ୍ର, ଇପସିତା ପଣ୍ଡା, ସନ୍ୟାସୀ ମହାରଣା, ସଞ୍ଜୟ ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ


କାଉନସିଲର ମିତା ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

**ବାଲେଶ୍ୱର,୭।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ମାନସିଂବଜାର ହରି ସଭା ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଧାର୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ୬ଦିନ ବ୍ୟାପୀ ଆୟୋଜିତ ଏହି ଉତ୍ସବରେ ଅଂକୁର ରୋପଣ, ଅକ୍ଷତ ଅଧିବାସ, ଶସ୍ୟାଧିବାସ ହୋଇ ଯଥାବିଧି ପୂଜାର୍ଚ୍ଚନା ହୋଇଥିଲା। ଗୁରୁବାର କଳସ ଶୋଭାଯାତ୍ରା ସମ୍ପନ୍ନ ହେବା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସାନ୍ଧ୍ୟରେ ଭଜନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆୟୋଜିତ ଧାର୍ମିକ ଉତ୍ସବରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ୫ ନମ୍ବର ୱାର୍ଡ କାଉନସିଲର ମିତା ପଟ୍ଟନାୟକ, କମିଟି ସଭାପତି କୃଷ୍ଣକର ନାୟକ, ସମ୍ପାଦକ ନିର୍ମଳ ଦାସ, ରାଜେଶ ମହାପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବଂଶୀଧର ଦଳେଇଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସୌରଭ ଭରଦ୍ୱାଜ, ପ୍ରଭୁ ପ୍ରସାଦ ନନ୍ଦ, ରାମଚନ୍ଦ୍ର ଭଦ୍ର, କମଳାକାନ୍ତ ଦାଶ, ରବୀନ୍ଦ୍ର କମିଳା, ପଦ୍ମଭୂଷଣ ରାୟ, କମଳଲୋଚନ ଦାସ, ମଧୁସୂଦନ ତ୍ରିପାଠୀ, ଜଗତ ମହାରଣାଙ୍କ ସମେତ ବହୁ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ନିର୍ମଳ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବ ସରକାର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ଦୁଇଟି ପର୍ଯ୍ୟାୟରେ ୭ ଲକ୍ଷ ଟଙ୍କା ମନ୍ଦିର ନିର୍ମାଣ ଲାଗି ଅନୁଦାନ ମିଳିଥିଲା। ଗୌରୀ ଶଙ୍କର ସାହାଣୀ, ରମେଶ ଶିଅଳ, ମହେଶ କମିଳା, ସୁମନ ବେହେରା, ସୁମନ୍ତ ବେହେରା, ବଂଶୀଧର ବେହେରା, ମହେନ୍ଦ୍ର କମିଳା ଏବଂ ସୁକାନ୍ତ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଜୁନିଅର ଏଫ୍‌ସି ବିକେ ଖୁଣ୍ଟା ଦଳ ଚାମ୍ପିୟନ

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ନୀଳଗିରି,୭।୨(ପ୍ରଶାନ୍ତ ବିଶ୍ୱାଳ)– ତେଲିପାଳସ୍ଥିତ ଜିଆଲ୍ ଜୁଆନ ସ୍ପୋର୍ଟିଂ କ୍ଲବ୍ ଆନୁକୁଲ୍ୟରେ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡ଼ା ଓ ସମ୍ମାନୀୟ ଅତିଥି ଭାବେ ସ୍ଥାନୀୟ ଯୁବନେତା ଉପେନ୍ଦ୍ର ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ତିମ ମ୍ୟାଚ୍ ଆକର୍ଷଣୀୟ ହୋଇଥିବା ବେଳେ ଜୁନିଅର ଏଫ୍‌ସି ବିକେ ଖୁଣ୍ଟା ଦଳ ୧–୦ ଗୋଲରେ ବୀରବାଗାନ ସାତରାଣ୍ଡ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଯୁବ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସୂର୍ଯ୍ୟାନନ୍ଦ ମାଝୀ, ବିଜୟ ମାଝୀ, ଯୁବରାଜ ମାଝୀ ରେଫେରି ଭାବେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। କ୍ଲବ ସଭାପତି ଚନ୍ଦନ ମାଝୀ, ଉପସଭାପତି ସନ୍ତୋଷ ହେମ୍ବ୍ରମ, ସମ୍ପାଦକ ଭାଗବତ ମାଝୀ, ସହ ସମ୍ପାଦକ ଲକ୍ଷ୍ମଣ ମାଝୀ, ସଦସ୍ୟ ଦଶରଥ ମାଝୀ, ପର ମାଝୀ, ବାଦଲ (କ), ବସନ୍ତ ମାଝୀ, ଶ୍ରୀଧର ମାଝୀ, ଜୁଲୁ ସ, ଝାଲୁ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ‘ସଂସ୍କୃତି ସୁରକ୍ଷିତ ରହିଲେ ଦେଶ, ଜାତି ଆଗକୁ ବଢ଼ିବ’

## ଖଇରା ସରସ୍ୱତୀ ଶିଶୁ ମନ୍ଦିରର ମାତୃସମ୍ମିଳନୀ ଓ ବାର୍ଷିକ ଉତ୍ସବ

**ଖଇରା,୭।୨(ଉତ୍କଳବନ୍ଧୁ ପଣ୍ଡା)**


ପୁରସ୍କାର ବିତରଣୀ ସଭାରେ ମଞ୍ଚାସୀନ ଅତିଥିମାନେ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଟାପଡ଼ା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୦ତମ ବାର୍ଷିକୋତ୍ସବ ଗୁରୁବାର ଦିବସ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଆୟୋଜିତ ମାତୃସମ୍ମିଳନୀରେ ବୁଦ୍ଧିରାମ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି, ଅଧ୍ୟାପିକା ଡ. ହରପ୍ରିୟା ମହାନ୍ତି ମୁଖ୍ୟବକ୍ତା ଓ ସଙ୍କୁଳ ସଂଯୋଜକ ଅଶୋକ ରଞ୍ଜନ ପଲାଇ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଶିଶୁ ବାଟିକା ସ୍ତରରେ ଶଙ୍ଖଫୁଙ୍କା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ରାଧାକାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ପୁରସ୍କାର ବିତରଣୀ ସଭାରେ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ବ୍ରଜସୁନ୍ଦର ସ୍ୱାଇଁ ମୁଖ୍ୟଅତିଥି, ଖଇରା ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା, ଅଧ୍ୟାପକ ବନମାଳୀ ବାରିକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ସଂସ୍କାର ସଂସ୍କୃତି ସୁରକ୍ଷିତ ରହିଲେ ଦେଶ ଓ ଜାତି ଆଗକୁ ବଢ଼ିପାରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସ ଓ ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ, ଅକ୍ଷୟ କୁମାର ବାରିକ ବିବରଣୀ ପାଠ, ଶୁକଦେବ ପରିଡ଼ା ଓ ସବିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମ୍ୟାଜିକ ସୋ ଓ ପିଲାମାନଙ୍କ ଦ୍ୱାରା ନାଚଗୀତ ପରିବେଷଣ କରାଯାଇଥିଲା।

# ଜଳିଗଲା ୬୦ ଏକରରୁ ଊର୍ଦ୍ଧ୍ୱ ଖଡ଼ି, ଇକଡ଼ ଚାଷ

## ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି

ଭୋଗରାଇ,୭।୨(ପ୍ରଦୀପ ଦାସ)– ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପୁଟିଣା ପଞ୍ଚାୟତ ଉଲାଡ଼ି, କୁଳିହା, ଚକେଇସବ ଗ୍ରାମର ଗହୀର ବିଲରେ ପାନଚାଷ ନିମନ୍ତେ ବ୍ୟବହୃତ ୬୦ ଏକରରୁ ଊର୍ଦ୍ଧ୍ୱ ଖଡ଼ି ଓ ଇକଡ଼ ଚାଷ ଜମିରେ ଶୁକ୍ରବାର ପୂର୍ବାହ୍ନ ସାଢେ ୧୧ଟାରୁ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ନିଆଁର ଶିଖାରେ ୧୫ କିମି ବ୍ୟାସାର୍ଦ୍ଧ ଦୂରତାରେ ପାଉଁଶ ଉଡ଼ି ବିଛାଡ଼ି ହୋଇ ପଡ଼ିଥିବାବେଳେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସମ୍ପତ୍ତି ପୋଡ଼ି ଭସ୍ମୀଭୂତ ହୋଇଥିବା ସୂଚନା ମିଳିଛି। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛି। ଖବର ଲେଖାହେବା ବେଳକୁ ଚାଷ ଜମିରେ ନିଆଁ ବ୍ୟାପି ଚାଲିଥିବା ସୂଚନା ମିଳିଛି।

# ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ବାଲିଆପାଳ,(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ),୭।୨**

ବାଲେଶ୍ୱର ଜିଲା ବାଲିଆପାଳ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଶୁକ୍ରବାର ପୂର୍ବାହ୍ନ ୧୧ଟା୩୦ରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ମୁଖ୍ୟ ବକ୍ତା କବି ସୁକୁମାର ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ଦେ, ସାମାଜିକ କର୍ମୀ ସତ୍ୟକାମ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ମଞ୍ଚ ଆହ୍ୱାନ, ଅତିଥି ପରିଚୟ ସହିତ ବେଦ ପାଠ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ରାଜେନ୍ଦ୍ର ବାରିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରାଜନୀତି ବିଜ୍ଞାନର ଅଧ୍ୟାପକ ବରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଓଡ଼ିଆ ଅଧ୍ୟାପିକା ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ଇଂରାଜୀ ଅଧ୍ୟାପକ ଉତ୍ତମ ମାହାନା, ଖେଳ ଶିକ୍ଷୟିତ୍ରୀ ଅପର୍ଣ୍ଣା ମାଜି, ସୁଶାନ୍ତ କୁମାର ମହାପାତ୍ର, ସୁକାନ୍ତ ଜେନା, ଅରୁଣ ମାଣିକ, ସନ୍ୟାସୀ ବେହେରା, ଦିଗମ୍ବର ରଣା, ବିନୋଦ କୁମାର ବେହେରା, ସୁବାସିନୀ ପାତ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

# ଜଳେଶ୍ୱର ମହୋତ୍ସବର ନବମ ସନ୍ଧ୍ୟା

ଜଳେଶ୍ୱର,୭।୨(ରବିନାରାୟଣ ପାତ୍ର): ଜଳେଶ୍ୱର ମହୋତ୍ସବର ସାନ୍ଧ୍ୟକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଦିଲ୍ଲୀପ କୁମାର ଗିରି ଏଥିରେ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ପୋଷ୍ଟ ମାଷ୍ଟର ଜେନେରାଲ ସନ୍ତୋଷ କୁମାର କମିଳା, ମୁଖ୍ୟ ବକ୍ତା ଭାବେ ଆଇଟିଆର୍‌ର ଆଡିସନାଲ ଡାଇରେକ୍ଟର ନୀଳାଦ୍ରି ରାୟ,ସମ୍ମାନୀତ ଅତିଥି ଭାବେ ପୂର୍ବତନ ଏସ୍‌ଡିପିଓ ସୁମନ ଦତ୍ତ ଯୋଗ ଦେଇଥିଲେ। ଯୁବ ଇଞ୍ଜିନିୟର ଅଂଶୁମାନ ମହାନ୍ତି ମଞ୍ଚ ଆହ୍ୱାନ କରିଥିଲେ। ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ। ମଞ୍ଚାସୀନ ସମସ୍ତ ଅତିଥିଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ମାନୀତ କରାଯାଇଥିଲା। ପିଲାଙ୍କ ମଧ୍ୟରେ ହୋଇଥିବା ନାଚଗୀତ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆରମ୍ଭ ହେଲା ରାଇବଣିଆ ଲୋକ ମହୋତ୍ସବ



ମଞ୍ଚାସୀନ ଅତିଥିମାନେ।

**ଜଳେଶ୍ୱର,୭।୨(ନବୀନ ସାହୁ)**

ରାଇବଣିଆ ଲୋକ ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ଅପରାହ୍ନ ୩ଟାରେ ଗଡ଼ଚଣ୍ଡୀ ମନ୍ଦିର ପାଖରୁ ମଶାଲ ଶୋଭାଯାତ୍ରା ବାହାରି ରାଇବଣିଆ ଜଗନ୍ନାଥମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରୁ ସନ୍ଧ୍ୟା ୬ଟାରେ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚ ନିକଟରେ ପହଞ୍ଚିଥିଲା। ଉଦଘାଟକ ତଥା ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବ୍ୟକ୍ତା ପୂର୍ବତନ୍ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ସମ୍ମାନିତ ଅତିଥି ନଗରପାଳ ପ୍ରତୀପ କୁମାର ପ୍ରଧାନ, ହାତୀଗଡ଼ ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଭୀଷ୍ମ ପରିଡା, ବରଡ଼ିହା ସରପଞ୍ଚ ଅଜୟ ମହାନ୍ତି ମଞ୍ଚରେ ଉପସ୍ଥିତ ଥିଲେ। ସଭାପତି ଅନନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହେଇଥିଲା। ସୁକୁମାର ପ୍ରଧାନ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ୮ ଦିନ ଧରି ଚାଲିବ।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

## ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଅଧ୍ୟକ୍ଷ ଗିରଫ

ସୋର,୭।୨(ଜନ୍ମେଜୟ ମିଶ୍ର): ସୋର ଥାନା ବାଗୁଡ଼ି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ(ସିଟି ସ୍କୁଲ)ର ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ସେଠୀଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଅଧ୍ୟକ୍ଷ ସେଠୀ ଉକ୍ତ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ଆଶ୍ଳୀଳ ଇଙ୍ଗିତ କରିବା ସହିତ ତାଙ୍କ ମୋବାଇଲକୁ ଆଶ୍ଳୀଳ ମେସେଜ ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ ଛାତ୍ରୀ ଜଣଙ୍କ ସୋର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୨୩/୨୫) ରୁଜୁ କରିଛି।

# ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

**ରସାଳପୁର,୭।୨(ଶରତ ସାମଲ)**

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ବାଙ୍ଗରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପାତ୍ର ସିଂଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଖାନନଗର ସରପଞ୍ଚ ଅଞ୍ଜନ କୁମାର ନାୟକ , ମୁଖ୍ୟବକ୍ତା ଭାବେ ପଳାସପୁର କ୍ଲଷ୍ଟର ସିଆର୍‌ସିସି ସନ୍ୟାସୀ ଦାସ, ବିଶିଷ୍ଟ ଅତିଥି ଭାବେ ଶିଶୁ ସାହିତ୍ୟିକ ହରପ୍ରସାଦ ପାଲ, ଆଲୁମିନି କମିଟିର ସଦସ୍ୟ ମନ୍ମଥ ମହାନ୍ତି, ପରିଚାଳନା କମିଟିର ସଭାପତି ନରେନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଗୋପାଳ ପାତ୍ର, ଶିକ୍ଷୟିତ୍ରୀ ନିଶାମଣୀ ପାତ୍ର, ଶିକ୍ଷକ ବୃନ୍ଦାବନ ବେହେରା, ଖାନନଗର ସମିତିସଭ୍ୟା ରଶ୍ମି ରାଣୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚ, ଗୀତ ପରିବେଷଣ କରାଯାଇଥିଲା।

# ନାଟକ ‘ସ୍ୱପ୍ନ ନୁହଁ... ବାସ୍ତବ’ର ଶୁଭ ମହୁରତ



ନାଟକର ଶୁଭ ମହୁରତ ଉତ୍ସବ।

**ବାରିପଦା,୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

୧୯୭୫ମସିହାରେ ମାଟ୍ରିକ ପାସ କରି ସମାଜର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରମାନେ ଗଠନ କରିଥିବା ବାସ୍ତବ ସଂଗଠନ ପକ୍ଷରୁ ପ୍ରଥମ ଥର ପାଇଁ ଏକ ନିଆରା ନାଟକ ‘ସ୍ୱପ୍ନ ନୁହଁ... ବାସ୍ତବ’ ମଞ୍ଚସ୍ଥ କରିବାକୁ ଯାଉଛନ୍ତି। ମାଟ୍ରିକ ପାସ କରିବାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପୁରାତନ ଛାତ୍ରମାନେ ପ୍ରଥମ ଥର ପାଇଁ ଏହି ନାଟକରେ ଅଭିନୟ କରିବେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ନାଟକ ରଚନା କରିବା ସହିତ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଚଳିତ ମାସ ୧୬ ତାରିଖ ରବିବାର ସନ୍ଧ୍ୟା ୭ଟା ୩୦ ମିନିଟରେ ବାରିପଦାର ଶହୀଦ ସ୍ମୃତି ଭବନରେ ‘ସ୍ୱପ୍ନ ନୁହଁ.. ବାସ୍ତବ’ ନାଟକ ମଞ୍ଚସ୍ଥ କରାଯିବ। ଶୁକ୍ରବାର ଅପରାହ୍ନରେ ବାରିପଦାର ଅଧିଷ୍ଠାତ୍ରୀ ଦେବୀ ମା’ ଅମ୍ବିକାଙ୍କ ମନ୍ଦିରରେ ନାଟକର ଶୁଭ ମହୁରତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମା’ ଅମ୍ବିକାଙ୍କଠାରେ ପୂଜା ଅର୍ଚ୍ଚନା ପରେ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ବାସ୍ତବ ସଂଗଠନର କର୍ମକର୍ତ୍ତା, କଳାକାର ଓ ଅତିଥି କଳାକାରମାନେ ନାଟକର ସଫଳତା ପାଇଁ ମା’ ଅମ୍ବିକାଙ୍କ ଆଶୀର୍ବାଦ କାମନା କରିଥିଲେ।

# ମୟୂରଭଞ୍ଜ ଗ୍ରୀନ୍ ବିଜୟୀ

ବାରିପଦା,୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ): ବାରିପଦା ଷ୍ଟାଡ଼ିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ୫ମ ଦିନର ଖେଳରେ ମୟୂରଭଞ୍ଜ ଗ୍ରୀନ ଓ ମୟୂରଭଞ୍ଜ ଏ ମଧ୍ୟରେ ଖେଳା ଯାଇଥିଲା। ଗ୍ରୀନ୍ ୯ ଉଇକେଟରେ ମୟୂରଭଞ୍ଜ (ଏ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ (ଏ) ୨୫. ୩ ଓଭରରେ ସମସ୍ତ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିଥିଲା। ମୟୂରଭଞ୍ଜ ଗ୍ରୀନ୍ ବିଜୟ ଲକ୍ଷ୍ୟ ପିଛା କରି ୧୯. ୪ ଓଭରରେ ଗୋଟିଏ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଶୁଭ୍ର ରଞ୍ଜନ ପତି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିଲେ। କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବିଧାନସଭା ଘେରିବେ ସ୍ୱୟଂ ସହାୟିକା ଗୋଷ୍ଠୀ

## ବାଲିଆପାଳରେ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ।

**କାଳିପଦା,୭।୨(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ନିଖିଳ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ୨ ଦଫା ଦାବି ନେଇ ଆସନ୍ତା ଅଧିବେଶନ ସମୟରେ ବିଧାନସଭା ଘେରାଉ କରିବା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ପାଇଁ ମାସକୁ ୧୦୦୦ ଟଙ୍କା ଭତ୍ତା ଏବଂ ସରକାରଙ୍କ ଗାଇଡଲାଇନ୍ ଅନୁଶାରେ ଦୁଇ ବର୍ଷକୁ ଥରେ ଇସି ମେମ୍ବରର ପରିବର୍ତ୍ତନ ହେଲେ ସବୁ ମହିଳାମାନେ ଅଗ୍ରାଧିକାର ପାଇବେ। ଉକ୍ତ ଦୁଇ ଦଫା ଦାବି ନେଇ ବିଗତ ଦିନରେ ବିଧାନସଭା ସମ୍ମୁଖରେ ଧାରଣା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତିଶ୍ରୁତି ଦେଇ ବିଚାର କରାଯିବ ବୋଲି କହିଥିଲେ। ମାତ୍ର ଦୁଇ ମାସ ବିତିଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ କରାଯାଇ ନାହିଁ। ଯଦି ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ଆଗାମୀ ଫେବୃଆରୀ ୧୪ ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘର ଉପଦେଷ୍ଟା ସାମାଜିକ କର୍ମୀ ସୁବଳ ଚନ୍ଦ୍ର ଦାସ, ଜିଲା ସଭାପତି ସାରଦା ଗିରି, ବ୍ଲକ ସଭାପତି ରଞ୍ଜୁଲତା ଗିରି, ସଦସ୍ୟା କନକ ଲତା ଗିରି, ରେଣୁକା ପାଳ, ସବିତା ରାଣୀ ଦାସ, ସୁକାନ୍ତ ପାତ୍ର, କବିତା ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମିଶନ ଶକ୍ତି ସଦସ୍ୟାଙ୍କ ପକ୍ଷରୁ ଉପ ଜିଲାପାଳଙ୍କୁ ଦାବିପତ୍ର

**ଉଦଳା,୭।୨(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ଉଦଳା, ଖୁଣ୍ଟା, କପ୍ତିପଦା ଓ ଗୋପବନ୍ଧୁନଗର ବ୍ଲକ୍ ଅଧୀନରେ କାର୍ଯ୍ୟରତ ମିଶନଶକ୍ତିର ବ୍ଲକ୍‌ସ୍ତରୀୟ ଇସି ସଦସ୍ୟାମାନେ ବିଭିନ୍ନ ଦାବି ସମୂହକୁ ନେଇ କପ୍ତିପଦା ଉପଖଣ୍ଡ ଉପ ଜିଲାପାଳ ସୁଶାନ୍ତ ବାରିକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଦସ୍ୟାମାନେ ଦୀର୍ଘ ବର୍ଷ ହେବ ମହିଳା ସଶକ୍ତିକରଣରେ କାମ କରି ଆସୁଥିବା ବେଳେ ସେମାନଙ୍କୁ ଅସ୍ଥାୟୀ ଭାବେ ଆଜି ପର୍ଯ୍ୟନ୍ତ ରଖାଯାଇଛି। ୨୦୨୨ରୁ ସ୍ୱଳ୍ପ ଭତ୍ତା ପ୍ରଦାନ କରାଯିବା ଦର୍ଶାଇବା ସହିତ ମିଶନ ଶକ୍ତି ପୁନଃଗଠନ ଆଳ ଦେଖାଇ ପଦବୀ ହଟାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଯାହାକୁ ବିରୋଧ କରିଛନ୍ତି ମିଶନ ଶକ୍ତିର ଇସି ସଦସ୍ୟା। ବିଭିନ୍ନ ଦାବିକୁ ନେଇ ସଦସ୍ୟାମାନେ ଉପ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ଦାବିଗୁଡ଼ିକ ମଧ୍ୟରେ ମିଶନ ଶକ୍ତି ଇସି ସଦସ୍ୟାଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ସରକାରଙ୍କ ଦ୍ୱାରା ଘୋଷିତ କୁଶଳୀ ଶ୍ରମିକର ସର୍ବନିମ୍ନ ମଜୁରୀ ପ୍ରଦାନ, ସହରାଞ୍ଚଳରେ କାର୍ଯ୍ୟରତ ସଦସ୍ୟାଙ୍କୁ ମାସିକ ଭତ୍ତା ପ୍ରଦାନ କରିବା, ସଦସ୍ୟାଙ୍କ କାର୍ଯ୍ୟକାଳ ୬୫ ବର୍ଷ ଧାର୍ଯ୍ୟ କରିବା ଭଳି ବିଭିନ୍ନ ଦାବି ସମୂହକୁ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମୟୂରଭଞ୍ଜ ମିଶନ ଶକ୍ତି ଇସି ମହାସଂଘର ସଭାପତି ସୂଦୀପ୍ତା ବାରିକ, ସମ୍ପାଦିକା ରଶ୍ମିତା ମହାକୁଡ଼, କପ୍ତିପଦା ବ୍ଲକ୍ ସମ୍ପାଦିକା ରୁକ୍ମଣୀ ମହୁରୀ, ଗୋପବନ୍ଧୁ ନଗର ବ୍ଲକ୍ ସଭାପତି ତନୁଜା ମହାପାତ୍ର, ସମ୍ପାଦିକା ଦେବଯାନୀ ସେଠୀଙ୍କ ସମେତ ଇସି ସଦସ୍ୟାମାନେ ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କୁ ମିଶନଶକ୍ତି ଇସି ସଦସ୍ୟାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ସୁଶାନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ

ଛେନାପଦି,୭।୨(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ବାଲିବରେଇ ଗ୍ରାମରେ ସୁଶାନ୍ତ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଅପରାହ୍ନରେ ଆରମ୍ଭ ହୋଇଛି। ଗ୍ରାମର ଯୁବ ସମାଜସେବୀ ସସ୍ମିତ ବିଶ୍ୱାଳ(ରାଜୁଲି ଭାଇ)ଙ୍କ ସଂଯୋଜନା ଓ ପରିଚାଳନାରେ ଅନୁଷ୍ଠିତ ହେଉଛି। ସ୍ଥାନୀୟ ଅଞ୍ଚଳର ବରିଷ୍ଠ ସାମାଜିକ କର୍ମୀ ଭଗବାନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଏହାର ଶୁଭ ଉଦଘାଟନ କରିଛନ୍ତି। ଟୁର୍ନାମେଣ୍ଟର ଶୁଭାରମ୍ଭ ଦିନ ଚିକୁ ଚେଞ୍ଜର କେନ୍ଦୁଝର ସହ ଏମଆରସିଟି ବରପଦା ଭଦ୍ରକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ମିଟୁ, ସୁଦୀପ୍ତ, ବାପୁନ, ଧଡ଼ିଆ, ଚୁଙ୍ଗା, ଡୁଡୁଲୁ, ବଣ୍ଟି, କମଳ, ଟିପୁ ପ୍ରମୁଖ ପରିଚାଳନା କରୁଛନ୍ତି।

# ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାଜୁଚାରା ମାରିଦେଲେ

## ଉଦ୍ୟାନ କୃଷି ବିଭାଗର ଅବହେଳା

### ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ଏମ୍‌ପିଙ୍କ ପ୍ରତିନିଧି

ପାଟଣା,୭।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଉଦ୍ୟାନ କୃଷି ବିଭାଗ ସରକାର କା ମାଲ୍ ଦରିଆମେ ଡାଲ୍ ନ୍ୟାୟରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାଜୁଚାରା ମାରିଦେଲା। ପାଟଣା ଓ ସାହାରପଡ଼ା ବ୍ଲକ୍‌ରେ କଲମି କାଜୁ ଚାରାରୋପଣ କରି ରକ୍ଷଣାବେକ୍ଷଣ ଅଭାବ ଓ ଅଧିକାରୀଙ୍କ ଉଦାସୀନତା କାରଣରୁ ସରକାରଙ୍କ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିଛି। କାଜୁଚାରା ବାହାନାରେ ହରିଲୁଟ୍ ଅଭିଯୋଗ କରି ଭାଜପା ବରିଷ୍ଠ ନେତା ତଥା ଏମ୍‌ପିଙ୍କ ଜିଲା ଉଦ୍ୟାନ କୃଷି ପ୍ରତିନିଧି ଶିବାଜୀ ଗୌତମ ମହାନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଥିସହ ଏକ ଭାଜପା ଟିମ୍ ତୃଣମୂଳସ୍ତରରେ ଯାଇ ପରିଦର୍ଶନ କରିଛନ୍ତି।

ସୂଚନାଯୋଗ୍ୟ, ପାଟଣା ବ୍ଲକ୍‌ର ଦାଶରଥିପୁର୍, ବାଉଁଶୁଳି, ତେନ୍ତୁଳିଖୁଣ୍ଟି, ବେଲାପଶି(୧), ବେଲାପଶି (୨), ବଡନୂଆଗାଁ, ଏରେଣ୍ଡଇ, ଖୁଣ୍ଟାପଡ଼ା, କଟାବେଡା, କିଆପଡ଼ା, କୁମୁଲା ବାହାଳି ନୂଆଗାଁ(ରାଜନଗର) କିଆପଡ଼ା, ସିଳିଦାର ୧୪ ହିତାଧିକାରୀଙ୍କ ୯୨ ହେକ୍ଟରରୁ ଊର୍ଦ୍ଧ୍ୱ ଜମି ଓ ସାହାରପଡ଼ା ବ୍ଲକ୍‌ର ଖଡ଼ିବେଡା, କେଣ୍ଟୁଯୋଡା, କେଶଡ଼ିହା, ପୁରୁଣାପାଣି, ଘୋଲକୁଣ୍ଡ, କୁଣ୍ଡଲା ଝାଟିଆଳିସାହି, ଫୁଲ ପାହାଡ଼ି ଆଦି ଗାଁର ୧୦ ହିତାଧିକାରୀଙ୍କ ୬୩ ହେକ୍ଟରର ଜମିରେ ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦୁଝର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ କଲମି କାଜୁ ଚାରାରୋପଣ କରାଯାଇଥିଲା। ମାତ୍ର ସମ୍ପୃକ୍ତ ଜମିରେ ଏବେ ଗୋଟେ ବି କାଜୁ ଗଛ ଦେଖିବାକୁ ମିଳୁନାହିଁ। ପାଟଣା ବ୍ଲକ୍‌ର ୧୪ ହିତାଧିକାରୀଙ୍କ ୯୨ ହେକ୍ଟର ଜମିରେ କଲମି କାଜୁ ଚାରାରୋପଣରେ ୧ କୋଟି ୨୪ ଲକ୍ଷ ୨୯୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିଭଳି ସାହାରପଡ଼ା ବ୍ଲକ୍‌ରେ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଚାରାରୋପଣ ହୋଇଥିଲା। ପରବର୍ତ୍ତୀ ସମୟରେ ବାଡ଼, ପାଣି ଓ ସାର ନ ଦେବାରୁ କୌଣସି ଜମିରେ କାଜୁ ଗଛ ନ ଥିବା ଶିବାଜୀ ମହାନ୍ତଙ୍କ ନେତୃତ୍ୱରେ ଯାଇଥିବା ଟିମ୍ ଦେଖିବାକୁ ପାଇଛନ୍ତି। ଟିମ୍‌ରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ଗିନା ନାୟକ, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ସୁଦର୍ଶନ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। କେନ୍ଦୁଝର ଏମ୍‌ପିଙ୍କ ଉଦ୍ୟାନ କୃଷି ବିଭାଗର ଜିଲା ପ୍ରତିନିଧି ମହାନ୍ତ ବର୍ମା କହିଛନ୍ତି, ପାଟଣା, ସାହାରପଡ଼ା ସମେତ ସଦର, ବାଂଶପାଳ, ଘଟଗାଁ, ତେଲକୋଇ, ହରିଚନ୍ଦନପୁର ବ୍ଲକ୍‌ରେ ବି ଦୁର୍ନୀତି ହୋଇଛି। ଉଦ୍ୟାନ ସାଥୀ ଶତ୍ରୁଘ୍ନ ମହାନ୍ତ, ଘନଶ୍ୟାମ ମହାନ୍ତ କହିଛନ୍ତି, ଗାତ ଖୋଳିବା ଏବଂ ଗଛ ଲଗାଇବା ପାଇଁ ମଜୁରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ବରାଦ ହୋଇଥିଲା। ହେଲେ ବାଡ଼ ବୁଜିବା, ପାଣି ଦେବା ଏବଂ ଜଗିବା ପାଇଁ କୌଣସି ଅର୍ଥ ଦେବାର ବ୍ୟବସ୍ଥା ହୋଇ ନ ଥିଲା। ସମ୍ପୃକ୍ତ ହିତାଧିକାରୀମାନେ ସେକଥା ନ ବୁଝିବାରୁ ଏଭଳି ପରିସ୍ଥିତି ହୋଇଛି। ଉଦ୍ୟାନ କୃଷି ବିଭାଗର ସାହାରପଡ଼ା ଅଧିକାରୀ ସସ୍ମିତା ନାୟକ କହିଛନ୍ତି, ଜିଲା ଅଫିସକୁ ବାରମ୍ବାର ଏମ୍‌ଆର ମାଗିବା ପରେ ମଧ୍ୟ ନ ମିଳିବା, ବିଳମ୍ବରେ ୱାର୍କ ଅର୍ଡର ହେବାରୁ ଏଭଳି ପରିସ୍ଥିତି ଉପୁଜିଛି।

# ଜିଲା ପୋଲିସ ମୁଖ୍ୟାଳୟରୁ ଜିଲାପାଳଙ୍କୁ ଚିଠି

## ପ୍ରଶାସନିକ ଅନୁମୋଦନ ପୂର୍ବରୁ ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚ ପ୍ରସଙ୍ଗ

କେନ୍ଦୁଝର/ହାଟଡିହୀ,୭।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଖଣିଜ ପାଣ୍ଠିର ଅର୍ଥ ପ୍ରଶାସନିକ ଅନୁମୋଦନ ପୂର୍ବରୁ ଖର୍ଚ୍ଚ ସମ୍ପର୍କୀତ ଅଭିଯୋଗ ଦିଗରେ ଆଇନଗତ ପଦକ୍ଷେପ ନେବା ପାଇଁ ଜିଲା ପୋଲିସ ମୁଖ୍ୟାଳୟରୁ କେନ୍ଦୁଝର ଜିଲାପାଳଙ୍କୁ (ଅଫିସ ଡିଆର ନଂ. -୬୬/୧୦ ଜାନୁଆରୀ ୨୦୨୫ ଅନୁସାରେ) ଜଣାଇ ଦିଆଯାଇଛି। ଏ ନେଇ ଜିଲା ପୋଲିସ ବିଭାଗ ପକ୍ଷରୁ ଚିଠି ନଂ. ୨୭/୨୦ ଜାନୁଆରୀ ୨୦୨୫ ଏବଂ ୭୬/୧୭ ଜାନୁଆରୀ ୨୦୨୫ ଅନୁସାରେ ସୂଚନା ମିଳିଛି । କିନ୍ତୁ ଉକ୍ତ ଚିଠି ଜିଲାପାଳଙ୍କୁ ଜାରି ହେବା ପରେ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ବାବଦରେ କୌଣସି ସୂଚନା ମିଳିନାହିଁ ।

ସୂଚନାଯୋଗ୍ୟ, କେନ୍ଦୁଝର ଡିଏମ୍‌ଏଫ(ଜିଲା ଖଣିଜ ପାଣ୍ଠି)ର ୧୦ ତମ ଟ୍ରଷ୍ଟ ବୋର୍ଡ ବୈଠକ ଗତ ୨୪ ଜୁନ୍ ୨୦୨୧ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୨୫୦ଟି ପ୍ରକଳ୍ପ ଅନୁମୋଦନ ହୋଇଥିଲା। ପ୍ରକଳ୍ପ ତାଲିକାରେ ୨୧୦ ନଂ. ସିରିଏଲରେ କ୍ୟାରିୟର କାଉନ୍‌ସେଲିଂ ନାମକ ଏକ ପ୍ରକଳ୍ପ ଅଛି, ଯାହାର ବ୍ୟୟ ଅଟକଳ ମୂଲ୍ୟ ୫୦ ଲକ୍ଷ ଟଙ୍କା ରହିଛି। କିନ୍ତୁ ଡିଏମ୍‌ଏଫ୍ ଅଫିସ ଅର୍ଡର ନମ୍ବର ୨୩୯୧/୨୯ ଅକ୍ଟୋବର ୨୦୨୪ରେ ୧୨ କୋଟି ୨ ଲକ୍ଷ ଟଙ୍କା ପ୍ରଶାସନିକ ଅନୁମୋଦନ କରାଯାଇଥିଲା। ପରେ ଅର୍ଡର ନଂ. ୨୫୪୫/୧୬ ନଭେମ୍ବର ୨୦୨୪ରେ ୩ କୋଟି ୬୦ ଲକ୍ଷ ୬୦ ହଜାର ଟଙ୍କା ରିଲିଜ୍ କରାଯାଇଥିଲା। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ପୂର୍ବରୁ ୧୬ମାର୍ଚ୍ଚ ୨୦୨୪ରେ ଏକ ବେସରକାରୀ ସଂସ୍ଥା ସହ ଏଗ୍ରିମେଣ୍ଟ କରାଯାଇଥିଲା। ସେହିପରି ପୂର୍ବରୁ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ୍ ନିମନ୍ତେ ଟ୍ରଷ୍ଟ ବୋର୍ଡ ବିନା ଅନୁମୋଦନରେ ୩ କୋଟି ୩୩ ଲକ୍ଷ ଖର୍ଚ୍ଚ କରାଯାଇଥିଲା। ପୁଣି ସମାନ ଢଙ୍ଗରେ ଡିସେମ୍ବର ୨୦୨୪ରେ ୨ କୋଟି ୭୬ ଲକ୍ଷ ୬୦ ହଜାର ଟଙ୍କା ପ୍ରଶାସନିକ ଅନୁମୋଦନ କରାଯାଇ ଅନୁଦାନ ରିଲିଜ ହୋଇଥିଲା। ଏହିପରି କ୍ଷମତାର ଅପବ୍ୟବହାର ଏବଂ ଅର୍ଥନୈତିକ ଅପରାଧ ପାଇଁ ଡିଏମ୍‌ଏଫ ଅଧକ୍ଷ ବିଶାଲ ସିଂ, ସିଇଓ କୁମାର ନାଗ ଭୂଷଣଙ୍କୁ ଦାୟୀକରି ଓଡ଼ିଶା ଡିଜି ପୋଲିସ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ହୋଇଥିଲା। ମାମଲା ରୁଜୁ ପାଇଁ କେନ୍ଦୁଝର ଏସ୍‌ପିଙ୍କୁ ମଧ୍ୟ ଅଭିଯୋଗ ହୋଇଥିଲା।

# ଜିପି ହାଇସ୍କୁଲର ବାର୍ଷିକ ଉତ୍ସବ

ଢେଙ୍କିକୋଟ,୭।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବଡ଼ମସିଣାବିଲା ପଞ୍ଚାୟତରେ ଥିବା ଜିପି ହାଇସ୍କୁଲ ୩୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନ ୩ ଟାରେ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଦାଶିବ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିକ୍ଷକ କେଶବ ଚନ୍ଦ୍ର ସାହୁ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ପ୍ରଫୁଲ୍ଲ ସିଂହ, ସମ୍ମାନୀୟ ଅତିଥିଭାବେ ଶିକ୍ଷକ ମଧୁସୂଦନ ପ୍ରଧାନ, ଢେଙ୍କିକୋଟ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ରାଉତ, ଏସ୍‌ଆରଏସ୍‌ସି ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡ଼ର ନମିନି ମନୁ ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ହାଇସ୍କୁଲର ଭିତ୍ତିପ୍ରସ୍ତ ପକାଇଥିବା ଉଦ୍ୟକ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପଙ୍କଜ ଲଚନ ବେହେରା, ଅତିଥି ଶିକ୍ଷକ ରମେଶ ଚନ୍ଦ୍ର ରାଉତ ଏବଂ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସ୍କୁଲ୍ ପ୍ରତିଷ୍ଠାତା ସଦସ୍ୟଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

# 'ବିକ୍ରେତା ଖବରକାଗଜ ଶିଳ୍ପର ମେରୁଦଣ୍ଡ'

## ବିତରକ ସମ୍ମିଳନୀ

କେନ୍ଦୁଝର,୭।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ପୁରୁଣା ସହରର ହାଟପଡ଼ିଆଠାରେ ଜିଲା ସଦରମହକୁମାରେ କାର୍ଯ୍ୟରତ ସମ୍ବାଦପତ୍ର ପ୍ରତିନିଧି ଓ ବିକ୍ରେତାଙ୍କ ଏକ ବନ୍ଧୁମିଳନ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାସ୍ତରୀୟ ବରିଷ୍ଠ ଖବରଦାତାମାନେ ନିଜ ବକ୍ତବ୍ୟରେ ସମ୍ବାଦପତ୍ରର ଅସ୍ତିତ୍ୱ ବଜାୟ ରଖିଛନ୍ତି ବିକ୍ରେତା। ବିକ୍ରେତାମାନେ ଖବରକାଗଜ ଶିଳ୍ପର ମେରୁଦଣ୍ଡ ବୋଲି ପ୍ରକାଶ କରିଥିଲେ। ବିତରକଙ୍କୁ ସରକାରୀ ସୁବିଧା ସହ ପୁରା ପରିବାରକୁ ବୀମା, ଦୁର୍ଘଟଣାଜନିତ ବୀମା, ପେନ୍‌ସନ୍ ଓ ମୃତ୍ୟୁକାଳୀନ ସୁବିଧା ଯୋଗାଇଦେବାକୁ ସମ୍ମିଳନୀରେ ଦାବି ହୋଇଛି। ଖବରଦାତା ଜୟକୃଷ୍ଣ ପଣ୍ଡା, ଦେବାଶିଷ ମିଶ୍ର, ପ୍ରଦୀପ ମହାନ୍ତି, ତାପସ ରଥ, ବିଜୟ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସତ୍ୟଜିତ ମିଶ୍ର, ସୁଧାଂଶୁ ସାହୁ, ମଗନ ମଲ୍ଲିକ, ପାର୍ଥସାରଥି ନାୟକ ବକ୍ତବ୍ୟ ପ୍ରଦାନ କରି ଖବରଦାତା ଓ ସମ୍ବାଦପତ୍ର ବିକ୍ରେତା ଗୋଟିଏ ପରିବାରର ଅଂଶ ବିଶେଷ। ବିକ୍ରେତାଙ୍କୁ ଛାଡି ସମ୍ବାଦପତ୍ରର ଅସ୍ତିତ୍ୱ ନାହିଁ ବୋଲି କହିଥିଲେ। ପବିତ୍ର ବେହେରା ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରସାର ପରିଚାଳକ ପ୍ରତାପ କୁମାର ନାୟକ ଓ ସୁଶାନ୍ତ ମହାନ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଓ ସମ୍ବାଦପତ୍ର ବିକ୍ରେତା ଯୋଗଦେଇଥିଲେ।



ସମ୍ମିଳନୀରେ ଯୋଗଦେଇଥିବା ବିତରକ ଓ ଖବରଦାତାମାନେ।

# ଗଞ୍ଜେଇ ଭର୍ତ୍ତି ୨ କାର ଜବତ, ୬ ଗିରଫ

କେନ୍ଦୁଝର,୭।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ନିକଟ ଅଞ୍ଜିର ହୋଟେଲ ନିକଟରେ ବୁଧବାର ରାତିରେ ପୋଲିସ ଗଞ୍ଜେଇ ଭର୍ତ୍ତି ୨ କାର୍ ଜବତ କରିଛି। ଗାଡ଼ିରୁ ୮୦ କିଲୋ ୭୫୦ ଗ୍ରାମ ଗଞ୍ଜେଇ ଜବତ ସହ ୬ ଜଣଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତ ପଶ୍ଚିମବଙ୍ଗ ରାଜ୍ୟର। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବୌଦ୍ଧ ଜିଲାରୁ ପଶ୍ଚିମବଙ୍ଗ ଭାୟା କେନ୍ଦୁଝର ଦେଇ ଗଞ୍ଜେଇ ଚାଲାଣ କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ସଦର ପୋଲିସ ବିଳମ୍ବିତ ରାତିରେ ଜାତୀୟ ରାଜପଥ ୪୯ର ଅଞ୍ଜିର ହୋଟେଲ ନିକଟରେ ଛକି ବସିଥିଲା। ସେହି ସମୟରେ କାର୍(ଡବ୍ଲୁବି ୧୬ ବିଏଫ ୭୬୯୧ ଏବଂ ଡବ୍ଲ୍ୟୁ ବି ୧୬ ଏୱାଇ ୧୪୩୭)କୁ ଅଟକାଇ ଯାଞ୍ଚ କରିଥିଲା। ଉଭୟ କାର ସିଟ୍ ତଳୁ ମୋଟ ୬ ବସ୍ତା ଗଞ୍ଜେଇ ମିଳିଥିଲା। ଏହି କାରବାରରେ ଜଡିତ ପଶ୍ଚିମବଙ୍ଗ ରାଜ୍ୟ ହୁଗୁଳି ଜିଲା ଚିନସୁରାର ଅରିଜିତ୍ ମିଡ୍‌ଦେ(୨୩), ଚିନସୁରା ଥାନା ସତୁପିର ତଳ ଆନନ୍ଦପାଲିର ଗୋପାଳ ବୋଷ(୨୮), ଭଦ୍ରେଶ୍ୱର ଥାନା ପୁରଶ୍ରୀର ସୁବୋଧ ରାୟ(୨୫), ଚନ୍ଦନନଗର ଥାନା ଚନ୍ଦନନଗରର ସୌରଭ ଦାସ(୨୭), ଚିନସୁରା ଥାନା ଚିନସୁରାର ସୁବିର ମାହତୋ(୨୪), ଭଦ୍ରେଶ୍ୱର ଥାନା ଚନ୍ଦନନଗର ବୋଉବଜାର ଗ୍ରାମର ଡୁକାଇ ଦାସ(୨୫)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

ମୟୂରଭଞ୍ଜ

# ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ

ବୈଶିଙ୍ଗା,୭।୨(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ଗୁରୁବାର ଅପରାହ୍ନ ୩ଟା ୩୦ ମିନିଟ ସମୟରେ ଟାଟା ପାୱାର ଓ କ୍ଲବ୍ ଏନର୍ଜିର ମିଳିତ ସହଯୋଗରେ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ ଜେନା ଯୋଗ ଦେଇଥିଲେ। ଟାଟା ପାୱାର ଓ କ୍ଲବ୍ ଏନର୍ଜିର ସଂଯୋଜକ ସର୍ବେଶ୍ୱର ପଣ୍ଡା ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହିତ ଶକ୍ତି ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶକ୍ତି ସଂରକ୍ଷଣ ସମ୍ପର୍କିତ ପିଲାମାନଙ୍କର କୁଇଜ, ଚିତ୍ରାଙ୍କନ, ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ଶକ୍ତି ସଂରକ୍ଷଣ ଦିଗରେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ରଜତ ଦାଶଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଶୁଭାଶିଷ ପଣ୍ଡା, ଶିକ୍ଷୟିତ୍ରୀ ସୁବାଶିନୀ ପରିଡ଼ା, ସରସ୍ୱତୀ ଜେନା, ଦୀପାଞ୍ଜଳି ଦାସ, ପ୍ରତିମା ପରିଡ଼ା, ସୁକାନ୍ତି ବିଶାଳ, ମେଟ୍ରୋନ ମାଳତୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# 'ଜ୍ଞାନର ବିକାଶ ଘଟିଲେ ବ୍ୟକ୍ତିତ୍ୱର ବିକାଶ ଘଟେ'



ଚନ୍ଦନପୁର(ନୂତନ)ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ବାରିପଦା, ୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଆଲୋକ ଯେପରି ଅନ୍ଧାରକୁ ଦୂର କରେ, ଠିକ୍ ସେହିପରି ଜ୍ଞାନ ପ୍ରଦାନକାରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ଆଲୋକବର୍ତ୍ତିକା ସାଜିଥାନ୍ତି। ଜ୍ଞାନର ବିକାଶ ଘଟିଲେ ବ୍ୟକ୍ତିତ୍ୱର ବିକାଶ ଘଟେ ବୋଲି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଚନ୍ଦନପୁର(ନୂତନ)ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ଉତ୍ସବରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ମୁଖ୍ୟବକ୍ତା ଅଧ୍ୟାପକ ସରୋଜ କୁମାର ନାୟକ ଏବଂ ସମ୍ମାନିତ ଅତିଥି ଭାବେ କଣ୍ଟାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର, ତୋଟାପଡା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ପଣ୍ଡା, ଦେବଳା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଦୀପକ କୁମାର ଦଣ୍ଡପାଟ, ସ୍କୁଲ ପରିଚାଳନା କମିଟିର ସଭାପତି ଧନାୟ ମାଝୀ, ସରପଞ୍ଚ ହରିଶ ଚନ୍ଦ୍ର ମୁର୍ମୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସତ୍ୟ ନାରାୟଣ ପଣ୍ଡା ବେଦପାଠ କରିବା ପରେ ଶିକ୍ଷକ ଜୟନ୍ତ କୁମାର ଜେନା ଅତିଥି ପରିଚୟ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ ବାର୍ଷିକ ବିବରଣୀ ଉପସ୍ଥାପନ ପୂର୍ବକ ୧୯୫୦ରେ ଭାଗବତ ଟୁଙ୍ଗୀରୁ ଆରମ୍ଭ ହୋଇ ପ୍ରତିଷ୍ଠିତ ପୁରାତନ ସ୍କୁଲର ସ୍ଥିତି, ସଫଳତା ଓ ସମସ୍ୟା ସମ୍ବନ୍ଧରେ କହିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ୮୫ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସରଗି ଫୁଲ, ସୁରଭି କାର୍ଯ୍ୟକ୍ରମରେ ଅନେକ ଛାତ୍ରୀଛାତ୍ର କୃତକାର୍ଯ୍ୟ ହେବା ସହ ଚଳିତବର୍ଷ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପାଇଁ ୫ ଛାତ୍ରୀଛାତ୍ର ମନୋନୀତ ହୋଇଥିବା ଜଣାଯାଇଥିଲା। ସହକାରୀ ଶିକ୍ଷକ ଅଭିମନ୍ୟୁ ସାତୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଚିନ୍ମୟୀ ଆରୁଖ, ଅଲିଭା ମହାନ୍ତ, ସ୍ନେହଲତା ନାଏକ, ଦେବଦତ୍ତା ପତି, ଶିକ୍ଷକ ରାମଚନ୍ଦ୍ର ସିଂ, ମାଟ୍ରନ ରେବତୀ ନାଏକ, ସିସିଏ ଗଣେଶ ମାଝୀ, ଶାକର ମୁର୍ମୁ, ବାସନ୍ତୀ ମୁର୍ମୁ ପ୍ରମୁଖ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କମିଲା କୁମ୍ଭୀର ସଂଖ୍ୟା

ବାରିପଦା,୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଚଳିତବର୍ଷ କୁମ୍ଭୀର ସଂଖ୍ୟା ହ୍ରାସ ପାଇଛି। ଗତବର୍ଷ ତୁଳନାରେ ଗୋଟିଏ କୁମ୍ଭୀର କମ୍ ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି। ଚଳିତବର୍ଷ ଶିମିଳିପାଳ ଅଭୟାରଣ୍ୟ ଓ ଏହାର ପାଦଦେଶରେ ଥିବା ବିଭିନ୍ନ ଜଳାଶୟ, ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ମୋଟ ୮୧ଟି କୁମ୍ଭୀର ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ କାର୍ଯ୍ୟାଳୟରୁ ରିପୋର୍ଟ ପ୍ରଦାନ କରାଯାଇଛି।

ପଶ୍ଚିମ ଓ ପୂର୍ବ ଦେଓ ନଦୀ, ଖଇରୀ, ଖଡଖାଇ, ଠକଠକି, ବୁଢାବଳଙ୍ଗ ଏବଂ ରାମତୀର୍ଥଠାରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ରରେ କୁମ୍ଭୀର ଗଣନା ତିନିଦିନ ଧରି ଚାଲିଥିଲା। ଉତ୍ତର ଶିମିଳିପାଳର ୭ଟି, ଦକ୍ଷିଣ ଶିମିଳିପାଳର ୯ଟି ରେଞ୍ଜରେ ଗୋଟିଏ ଲେଖାଏ ଟିମ୍ ଗଣନାରେ ସାମିଲ ହୋଇଥିଲେ। ପଶ୍ଚିମ ଦେଓ ନଦୀରେ ୫୯, ଖଇରୀରେ ୮, ପୂର୍ବ ଦେଓରେ ୪, ଖଡ଼ଖାଇ ନାଳରେ ୨, ବୁଢାବଳଙ୍ଗରେ ୧, ଠକଠକିରେ ୧ ଓ ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ୬ଟି କୁମ୍ଭୀର ରହିଛି। ପୂର୍ବରୁ ୨୦୨୧ ଗଣନାରେ ୮୧, ୨୦୨୨ରେ ୮୩, ୨୦୨୩ରେ ୮୬ ଓ ୨୦୨୪ରେ ୮୨ଟି କୁମ୍ଭୀର ରହିଥିବା ବେଳେ ଚଳିତବର୍ଷ ଗୋଟିଏ କୁମ୍ଭୀର କମ୍ ଥିବା ଜଣାପଡ଼ିଛି। ତେବେ ବର୍ଷକୁ ବର୍ଷ କୁମ୍ଭୀର ସଂଖ୍ୟା ହ୍ରାସ ପାଉଥିବାରୁ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୁମ୍ଭୀରଗୁଡ଼ିକର ମୃତ୍ୟୁ ଘଟୁଛି ନା ଶିକାର କରାଯାଉଛି, ତାହା ସନ୍ଦେହ ଘେରରେ ଥିବା ନେଇ ପ୍ରାଣୀପ୍ରେମୀମାନେ ଆଶଙ୍କା କରିଛନ୍ତି।

# ଜମ୍ବିରା ପୋଲର ଶିଳାନ୍ୟାସ କଲେ ମନ୍ତ୍ରୀ


ସଭାରେ ଉପସ୍ଥିତ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

ମୋରଡ଼ା,୭।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା-ମୋରଡ଼ା ପୂର୍ତ୍ତବିଭାଗ ରାସ୍ତାର ଶିଳଦା ନିକଟରେ ନୂତନ ଭାବେ ହେବାକୁ ଥିବା ଜମ୍ବିରା ପୋଲର ଗୁରୁବାର ପୂର୍ବାହ୍ନ ୧୧ଟାରେ ଶିଳାନ୍ୟାସ ହୋଇଛି। ମୋରଡ଼ା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପୂଜାର୍ଚ୍ଚନା କରି ଶିଳାନ୍ୟାସ କରିବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଙ୍କ ସମେତ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରୟ, ମୋରଡ଼ା ବ୍ଲକ୍ ଅଧ୍ୟକ୍ଷ ପିଥନାଥ ସୋରେନ, ଦାନ୍ତିଆମୁହାଁ ସମିତି ସଭ୍ୟ ସୁକୁଲ ମୁର୍ମୁ, ବରିଷ୍ଠ ଭାଜପା ନେତା ପରେଶ ମହାନ୍ତ, କାନ୍ଦ୍ରା ସୋରେନ, ଚିତ୍ରଡ଼ା ସରପଞ୍ଚ ବାଲକ ମାର୍ଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ବିପଦସଙ୍କୁଳ ଅବସ୍ଥାରେ ପୁରୁଣା ପୋଲ ଥିବାରୁ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ପୋଲରେ ଯାତାୟାତ ବନ୍ଦ ଥିଲା। ନୂତନ ପୋଲ ଅଞ୍ଚଳବାସୀଙ୍କ ସହ ବାରିପଦା, ରାଜଘାଟକୁ ଯାତାୟାତ କରୁଥିବା ଲୋକଙ୍କ ପାଇଁ ସୁଗମାଗମନର ସୁବିଧା ହୋଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଉକ୍ତ ପୋଲର ଲମ୍ବ ୧୭୫ ମିଟର, ୧୨ ମିଟର ଓସାର ହେବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ପୂର୍ତ୍ତବିଭାଗ ଏସ୍‌ଡିଓ ଅରବିନ୍ଦ ମହାନ୍ତି, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ମିଶ୍ର, ଭାଜପା କର୍ମୀ ପ୍ରକାଶ ମହାନ୍ତ, ହୃଷିକେଶ ମହାନ୍ତ, ରାୟବହାଦୁର ହେମ୍ବ୍ରମ, ଛତିଶ ମହାନ୍ତଙ୍କ ସହିତ କର୍ମୀମାନେ ଉପସ୍ଥିତ ଥିଲେ।

# ଡାଇମଣ୍ଡ ୟୁଥ କ୍ଲବର ବାର୍ଷିକ କ୍ରୀଡ଼ା

ଝାରପୋଖରିଆ,୭।୨(ସୁଧିର କୁମାର ମହାନ୍ତ)

ସାରସକଣା ବ୍ଲକ ଝାରପୋଖରିଆ ଥାନା ଅନ୍ତର୍ଗତ ଶୀର୍ଷା ପଞ୍ଚାୟତର ସାନ କଛିମ୍ବିଲା ଗ୍ରାମରେ ଥିବା ଡାଇମଣ୍ଡ ୟୁଥ୍ କ୍ଲବର ୪୬ତମ ଆଥଲେଟିକ୍ ମିଟ୍ ସହିତ ଶ୍ରୀପଞ୍ଚମୀ ଉପଲକ୍ଷେ ୨ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସଂଘ ଗୃହରେ ସଂଘର ସଭାପତି ହରିଶଙ୍କର ମହାନ୍ତଙ୍କ ତତ୍ତ୍ୱାବଧାନରେ ପୂଜକ ବସନ୍ତ କୁମାର ପଣ୍ଡା ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିଥିଲେ। ସମ୍ପାଦକ ଜୟଗୁରୁ ମହାନ୍ତ ସଂକଳ୍ପଧରି ପୂଜା ସମ୍ପନ୍ନ କରିଥିଲେ। ଆୟୋଜିତ ଆଥଲେଟିକ୍ ମିଟ୍‌କୁ କ୍ଲବର ସମ୍ପାଦକ ଅମିର ମହାନ୍ତ ଉଦ୍‌ଘାଟନ କରିଥିଲେ। ଭବନୀ ଶଙ୍କର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ୨ ଦିନିଆ ଏହି କାର୍ଯ୍ୟକ୍ରମକୁ କମଳ ମହାନ୍ତ, କାହ୍ନୁ ମହାନ୍ତ, ଲାଲୁ ଦାସ, ବାଦଲ ମହାନ୍ତ, ବିମଳ ମହାନ୍ତ, ପ୍ରାଣାଂଶୁ ମହାନ୍ତ, ଲୁଲୁ ମହାନ୍ତ ପ୍ରମୁଖ ବିଭିନ୍ନ ବିଭାଗର ଖେଳଗୁଡିକ ପରିଚାଳନା କରିଥିଲେ । କ୍ରୀଡ଼ା ବିଭାଗରେ ମୋଟ ୧୬ ବିଭାଗରେ ବାଳିକା, ବାଳକ, ମହିଳା, ବୃଦ୍ଧାଙ୍କୁ ନେଇ ଖେଳକୁଦ ପ୍ରତିଯୋଗିତା କରାଯାଇଥିଲା।

ସନ୍ଧ୍ୟାରେ ରାଜୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ହାଡିବନ୍ଧୁ ମହାନ୍ତ, ମୁଖ୍ୟବ୍ୟକ୍ତା ଭାବେ ସାରସକଣା ବିଧାୟକଙ୍କ ପ୍ରତିନିଧି ସଞ୍ଜୟ କୁମାର ମହାନ୍ତ, ସମ୍ମାନୀତ ଅତିଥି ଭାବେ ପୋଲିସ ଅଧିକାରୀ ପରମାନନ୍ଦ ମହାନ୍ତ, ସମ୍ବାଦିକ ସୁଧିର କୁମାର ମହାନ୍ତ ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ହରେକୃଷ୍ଣ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ବାରିପଦାର ମୟୂରଭଞ୍ଜ ଝୁମର ମେଲୋଡି ଦ୍ୱାରା ଝୁମର ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶୀତ ହୋଇଥିଲା ।

# 'ମାତୃପୂଜନ ବିନା ରାଷ୍ଟ୍ରର ପ୍ରଗତି ଅସମ୍ଭବ'

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

ଗୋପବନ୍ଧୁନଗର,୭।୨(ଶାନ୍ତନୁ କୁମାର ମଙ୍ଗୁଆଳ)

ସାନବେଲାକୁଟି ଶ୍ରୀବିହାରସ୍ଥିତ ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଷୋଡ଼ଶ ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଭବେନ୍ଦ୍ର ପାତ୍ର, ସୂର୍ଯ୍ୟସ୍ମିତା ଦାସ, ପ୍ରଣତି ବେହେରା ଓ ସୁଜାତା କରଙ୍କ ଦାରା ସ୍ୱାମୀ ବିବେକାନନ୍ଦ ଏବଂ ଭାରତମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗୁରୁମା ପ୍ରଣତି ଦାସ, କୌଶଲ୍ୟା ମହଲା, ଜ୍ୟୋସ୍ନାରାୟ ସିଂହ ଓ ଚନ୍ଦ୍ରମଣି ବାରିକଙ୍କ ଦ୍ୱାରା ମାତୃପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ପୁରୋଧା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗଦେଇ ମାତୃ ପୂଜନ ବିନା ରାଷ୍ଟ୍ରର ପ୍ରଗତି ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ସମର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସଭାରେ ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁନଗର ଗୋଷ୍ଠୀ ଶିକ୍ଷାଧିକାରୀ ଡ.ଅଭିମନ୍ୟୁ ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ ଆଡ଼ଭୋକେଟ ସତ୍ୟବ୍ରତ ମିଶ୍ର, ଆଦରଣୀୟ ଅତିଥି ଭାବେ ଗୋପବନ୍ଧୁନଗର ପ୍ରେସକ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଓ ସମ୍ମାନିତ ଅତିଥି ଭାବେ ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମହଲା, ପଶୁଦା କ୍ଲଷ୍ଟର ସିଆରସିସି କୃଷ୍ଣଚନ୍ଦ୍ର ଦଳେଇ ଏବଂ ବଡ଼ସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଯୋଗ ଦେଇଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବାଣୀପୀଠର ଉପଦେଷ୍ଟା ବଙ୍କିମ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୭୨ ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ବୃତ୍ତି ଓ ପ୍ରାଦେଶିକ ମେଧାବୃତ୍ତି ହାସଲ କରିଥିବା ୪ ଜଣ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ଶୁଭଜିତ୍ ଶୁଭଙ୍କର ରାଉତ ଓ ସୁମନ କୁମାର ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। କବି କାର୍ତ୍ତିକ ସେଠୀ ଧନ୍ୟବାଦ ଦେଇଥିଲେ।

